Chapter- 05

# ଛୋଟ ମୋର ଗାଆଁଟି

**QUESTION BANK**

**୧. ସଂକ୍ଷିପ୍ତ ଉତ୍ତର ଲେଖ ।**

(କ) କବିତାରେ କାହାକଥା ବର୍ଣ୍ଣନା କରାଯାଇଛି ?

(ଖ) ଜୀବନର କେଉଁ ଦୁଇଟି ବିଶେଷ କାର୍ଯ୍ୟ ସହ ଗାଆଁ ମାଟି ଜଡିତ ?

(ଗ) କାହାର ଜଳ ରକ୍ତ ହୋଇ ତାଙ୍କ ଶରୀରରେ ପ୍ରବାହିତ ହେଉଛି ବୋଲି କବି କହିଛନ୍ତି ?

(ଘ) କବି ନିଜ ଗାଆଁରୁ କ'ଣ କ'ଣ ପାଇଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି ?

(ଙ) କବି ନିଜ ଜନ୍ମ ସମ୍ବନ୍ଧରେ କ'ଣ କହିଛନ୍ତି ?

(ଚ) ଗ୍ରାମର କେଉଁ କେଉଁ ଜନିଷ ତାଙ୍କୁ ଜୀବନ ଦେଇଛି ?

(ଛ) ତାଙ୍କ ଆଖିରେ କିଏ ନୂଆ ଚାହାଣି ଭରି ଦେଇଛି ?

(ଜ) କବି ତାଙ୍କ ଜୀବନରେ କ'ଣ ଇଚ୍ଛା କରିଛନ୍ତି ?

(ଝ) କେଉଁଠାରେ ବସି ସେ ସବୁକୁ ମନେ ପକାଉଛନ୍ତି ?

**୨. ଉତ୍ତର ପର୍ଯ୍ୟାୟରୁ ସଠିକ୍ ଉତ୍ତରଟି ବାଛି ଲେଖ ।**

(କ) ନିମ୍ନୋକ୍ତ ମଧ୍ୟରୁ 'ପ୍ରବାସ' ଶବ୍ଦର ଅର୍ଥ କ'ଣ ?

(i)ସ୍ୱର (ii)ବାସସ୍ଥାନ (iii)ସ୍ୱଦେଶ (iv)ବିଦେଶ

(ଖ) କବିଙ୍କର ଚିତା କେଉଁଠି ଜଳିବ ?

(i)ସ୍ୱର୍ଗଦ୍ୱାରରେ (ii)ଗାଆଁ ମଶାଣିରେ

(iii)ନିଜ ବାସଭବନ ପଛରେ (iv)ଯେକୌଣସି ସ୍ଥାନରେ

(ଗ) 'ଛୋଟ ମୋର ଗାଆଁଟି' କବିତାର କବିଙ୍କ ନାମ କ'ଣ ?

(i)ସଚ୍ଚିଦାନନ୍ଦ ରାଉତରାଏ (ii)କୁନ୍ତଳାକୁମାରୀ ସାବତ

(iii)ଅନନ୍ତ ପଟ୍ଟନାୟକ (iv)ଗୋପବନ୍ଧୁ ଦାସ

(ଘ) ସଚ୍ଚିରାଉତ୍‌ରାଏଙ୍କ ରଚନା ମଧ୍ୟରୁ ନିମ୍ନୋକ୍ତ କେଉଁଟି ଏକ କବିତା ଗ୍ରନ୍ଥ ?

(i)ଭାଟିର ତାଜ (ii)ଚିତ୍ରଗ୍ରୀବ (iii)ପାଣ୍ଡୁଲିପି (iv)ମଶାଣିର ଫୁଲ

(ଙ) '(ଶେଷେ) ସେଇଠି ହେବ ଡାହାଟି' – ଏଠାରେ 'ଡାହା' ଶବ୍ଦର ଅର୍ଥ କ'ଣ ?

(i)ହନନ (ii)ମର୍ଦ୍ଦନ (iii)ଦହନ (iv)ମନନ

(ଚ) 'ଛୋଟ ମୋର ଗାଆଁଟି' କବିଙ୍କର କେଉଁ କବିତା ସଙ୍କଳନରୁ ଆସିଛି ?

(i)ପଲ୍ଲୀଶ୍ରୀ (ii)ପାଣ୍ଡୁଲିପି (iii)ସ୍ୱଗତ (iv)ହସନ୍ତ

(ଛ) କବିଙ୍କ କାନରେ କେଉଁ ମଧୁର ଗାନ ବାଜି ଯାଉଛି ?

(i)ସାଙ୍ଗସାଥିଙ୍କର ଗାନ (ii)ଫସଲକଟାର ମଧୁରଗାନ

(iii)ଗାଁ ପିଲାମାନଙ୍କର ଗାନ (iv)ରଜଗୀତର ଗାନ

(ଜ) ଏହି କବିତାରେ କବି କାହାକୁ ସ୍ୱର୍ଗପୁର ଭାବରେ ବର୍ଣ୍ଣନା କରିଛନ୍ତି ?

(i)ଓଡିଶାକୁ (ii)ଭାରତକୁ (iii)କାଶ୍ମୀରକୁ (iv)ନିଜ ଗାଆଁକୁ

**୩. ସପ୍ରସଙ୍ଗ ସରଳାର୍ଥ ଲେଖ ।**

(କ) ଛୋଟ ମୋର ଗାଆଁଟି

ଭୂଗୋଳ ପୋଥି-ପତରେ ପଛେ ନଥାଉ ତା'ର ନାଆଁଟି ।

(ଖ) ଇଚ୍ଛା ହୁଏ ମାଟିରେ ତା'ର

ଶିରଟି ଥରେ ନୁଆଁନ୍ତି ।

୪. ଉତ୍ତର ଲେଖ (୫୦ରୁ ୮୦ଟି ଶବ୍ଦରେ)

ପ୍ରବାସରେ ଥାଇ କବି ନିଜ ଗ୍ରାମର ଅନୁଭୂତି ବିଷୟରେ କ'ଣ କ'ଣ ବର୍ଣ୍ଣନା କରିଛନ୍ତି ?

୫. ଅସଜଡା ପଦକୁ ସଜାଡି ଲେଖ ।

କ) ପଂଜରା କାଠି ମୋର ପାଞ୍ଚଟି

ତାହାଟି ସେଇଠି ହବ ।

ଖ) କଣ୍ଠେ ମୋ ଦେଲା ଯେ କଥା

ତାହାରି ଫୁଲ, ଶାଗୁଆ ଲତା ।

ଗ) ତାହାରି ବଣ, ତାହାରି ଲଟା

ତା ମୁରଲୀ ସ୍ୱନ, ଗାଇଗୋଠ ।

୬. 'ପରାଣ' ଶବ୍ଦର ଅନ୍ୟରୂପ ଯେପରି 'ପ୍ରାଣ' ସେହିପରି ନିମ୍ନଲିଖିତ ପଦଗୁଡିକର ଅନ୍ୟରୂପ ଲେଖ ।

ସରଗ, ରକତ, ମରତ, ଜନମ

****

ODM EDUCATIONAL GROUP
Changing your Tomorrow